# 2nd meeting of the India-Central Asia Dialogue

October 27, 2020

## ଭାରତ-ମଧ୍ୟ ଏସିଆ ଆଲୋଚନାର ଦ୍ୱିତୀୟ ବୈଠକ

**ଅକ୍ଟୋବର** 27, 2020

1. ଭାରତ-ମଧ୍ୟ ଏସିଆ **ଆଲୋଚନାର** ଦ୍ୱିତୀୟ ବୈଠକ 28 ଅକ୍ଟୋବର 2020 ରେ ଡିଜିଟାଲ ଭିଡିଓ ସମ୍ମିଳନୀ ମାଧ୍ୟମରେ ଅନୁଷ୍ଠିତ ହେବ। ଭାରତ, କାଜାଖସ୍ତାନ, ତାଜିକିସ୍ତାନ, ତୁର୍କମେନିସ୍ତାନ ଏବଂ ଉଜବେକିସ୍ତାନର ବୈଦେଶିକ ମନ୍ତ୍ରୀ ତଥା କିର୍ଗିଜ୍ ଗଣତନ୍ତ୍ରର ପ୍ରଥମ ଉପ-ବୈଦେଶିକ ମନ୍ତ୍ରୀ ଏଥିରେ ଭାଗ ନେବେ। ବିଶେଷ ଭାବେ ଆମନ୍ତ୍ରିତ ଆଫଗାନିସ୍ତାନର କାର୍ଯ୍ୟକାରୀ ବୈଦେଶିକ ମନ୍ତ୍ରୀ ମଧ୍ୟ ଏହି ବୈଠକରେ ଯୋଗଦେବେ।

2. ରାଜନୈତିକ, ସୁରକ୍ଷା, ଅର୍ଥନୈତିକ ଏବଂ ବାଣିଜ୍ୟିକ, ମାନବିକ ତଥା ସାଂସ୍କୃତିକ କ୍ଷେତ୍ର ତଥା ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ପ୍ରସଙ୍ଗରେ ମନ୍ତ୍ରୀମାନେ ମତ ବିନିମୟ କରିବେ। ଏହି ଅଞ୍ଚଳରେ **ସଂଯୋଗିକରଣ** ଏବଂ ବିକାଶ ଭାଗିଦାରୀକୁ ପ୍ରୋତ୍ସାହିତ କରିବା ପାଇଁ ମନ୍ତ୍ରୀମାନେ ବିଶେଷ ଭାବରେ ବିଚାର ବିମର୍ଶ କରିବେ।

3. ଭାରତ-ମଧ୍ୟ ଏସିଆ **ଆଲୋଚନାର** ପ୍ରଥମ ବୈଠକ 13 ଜାନୁଆରୀ 2019 ରେ ଉଜବେକିସ୍ତାନର ସମରକାଣ୍ଡଠାରେ ଭାରତ ଏବଂ ଉଜବେକିସ୍ତାନ ଦ୍ୱାରା ମିଳିତ ଭାବରେ ଅନୁଷ୍ଠିତ ହୋଇଥିଲା। ଭାରତ ଏବଂ ମଧ୍ୟ ଏସିଆ ଦେଶମାନଙ୍କ ମଧ୍ୟରେ ସହଯୋଗକୁ ଆହୁରି ମଜବୁତ କରିବା ପାଇଁ ଏହା ଏକ ମଞ୍ଚ ଭାବରେ ବିଚାର କରାଯାଇଥିଲା।

**ନୂଆଦିଲ୍ଲୀ**

**ଅକ୍ଟୋବର** 27, 2020

DISCLAIMER: This is an approximate translation. The original is available in English on MEA's website and may be referred to as the official press release.